## ୨୭ ଅକ୍ଟୋବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

ବଦର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀ ଓ ଐତିହାସିକ ଘଟଣାବଳୀର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା । ବନୁ କିନ୍‌କା ଯୁଦ୍ଧର ବର୍ଣ୍ଣନା ଏବଂ ଇସ୍ରାଇଲ୍ ଓ ହମାସ୍ ଯୁଦ୍ଧର ଭୟାବହତାରୁ ନିସ୍ତାର ପାଇବା ନିମନ୍ତେ ବିଶେଷ ଦୁଆର ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହଦହୁ ଲାଶରିକା ଲହୁ ୱ୍‌ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ଚାଲିଥିଲା । ହଦିସ୍‌ର ପୁସ୍ତକ ସହି ବୁଖାରୀରେ ହଜୁର[ସ.ଅ] ନିଜ ସୁପୁତ୍ରୀ ଓ ଜାମାତାଙ୍କର ତହଜୁଦ୍ ନମାଜ ପାଠ କରିବା ପ୍ରତି ଧ୍ୟାନ ଆକର୍ଷିତ କରିବା ପ୍ରସଙ୍ଗ ଏପରି ଉଲ୍ଲେଖ ରହିଛି ଯେ, ହଜରତ ଅଲୀ[ର.ଅ] ବର୍ଣ୍ଣନା କରନ୍ତି; ଏକଦା ହଜୁର [ସ.ଅ]ଙ୍କର ଆମ ଘରକୁ ଆଗମନ ହେଲା । ହଜୁର[ସ.ଅ] ଆମ ଦୁହିଁ (ପତିପତ୍ନୀ)ଙ୍କୁ ପଚାରିଲେ, ତୁମେମାନେ ତହଜୁଦ୍ ନମାଜ ପାଠ କରୁଛ ? ଏଥିରେ ହଜରତ ଅଲୀ[ର.ଅ] ଉତ୍ତର ଦେଲେ, ଆମ ଜୀବନ ପରମାତ୍ମା ଅଲ୍ଲାଃଙ୍କ ହାତ ମୁଠାରେ ରହିଛି । ଯେତେବେଳେ ସେ ଆମକୁ ନିଦରୁ ଜଗେଇ ଦିଅନ୍ତି ସେତେବେଳେ ଆମେ ତହଜୁଦ୍ ପଢ଼ି ନେଇଥାଉ । ସେଥିଅନ୍ତେ ହଜୁର[ସ.ଅ] ତାଙ୍କୁ କୌଣସି ଉତ୍ତର ଦେଲେ ନାହିଁ ଏବଂ ସେଠାରୁ ଫେରି ଆସିଲେ । ଚଲା ପଥରେ ହଜୁର [ସ.ଅ]ଙ୍କ ପବିତ୍ର ମୁଖରୁ ଏହା ନିସୃତ ହେଉଥିଲା ଯେ, ମନୁଷ୍ୟ ସବୁଠାରୁ ବଡ଼ ଯୁକ୍ତିକାରୀ ।**

ହଜରତ ମୁସଲେହ ମଉଦ[ର.ଅ] ଏହି ଘଟଣା ଚର୍ଚ୍ଚା କରି କୁହନ୍ତି; ଗୋଟିଏ ଅବସରରେ ଯେତେବେଳେ ହଜରତ ଅଲୀ[ର.ଅ] ହଜୁର [ସ.ଅ]ଙ୍କୁ ଏପରି ଉତ୍ତର ଦେଲେ ଯେଉଁଥିରେ ତର୍କ ଓ ପ୍ରତିଦ୍ୱନ୍ଦ୍ୱିତା ମୂଳକ ଭାବ ପ୍ରକାଶିତ ହେଉଥିଲା, ସେଥିରେ ହଜୁର[ସ.ଅ] ଅତିଷ୍ଠ ହେବା ଅଥବା କ୍ରୋଧିତ ହେବା ପରିବର୍ତ୍ତେ ହଜୁର[ସ.ଅ] ଅତି ସୂକ୍ଷ୍ମ ମାର୍ଗ ଅବଲମ୍ବନ କଲେ କି ସମ୍ଭବତଃ ହଜରତ ଅଲୀ[ର.ଅ] ନିଜ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ତାହାର ମାଧୁର୍ଯ୍ୟତାରୁ ଉପକୃତ ହେବେ । ସେ ଯେଉଁ ଆନନ୍ଦ ଉପଭୋଗ କଲେ ତାହାର ସେ ଅଧିକାରୀ ଥିଲେ । ଏବେ ମଧ୍ୟ ହଜୁର [ସ.ଅ]ଙ୍କର ସେହି ଅପ୍ରସନ୍ନିତ ଭାବ ଅନୁଭବ କରି ପ୍ରତ୍ୟେକ ଜ୍ଞାନୀଗୁଣି ବ୍ୟକ୍ତି ଆଚମ୍ବିତ ହୋଇଥାନ୍ତି । ଆପଣ କହିଲେ; ବାସ୍ତବରେ ହଜୁର [ସ.ଅ]ଙ୍କର ଏତିକି କହିଦେବା ନିଜ ଭିତରେ ଏଭଳି କଲ୍ୟାଣ ବହନ କରିଥାଏ ଯାହାର କାଣିଚାଏ ମଧ୍ୟ ଅନ୍ୟ କୌଣସି ମହର୍ଷିଙ୍କର ବାଣୀ ଦ୍ୱାରା ପ୍ରଭାବିତ କରିପାରି ନଥାନ୍ତା ।

ଆପଣ[ର.ଅ] କହିଲେ; ଏହି ହଦିସ୍‌ରୁ ଆମମାନଙ୍କୁ ଅନେକ କଥା ଜ୍ଞାତ ହୋଇଥାଏ । ଯେଉଁଥିରୁ ହଜୁର [ସ.ଅ]ଙ୍କ ଉତ୍ତମ ଆଚରଣର ବିଭିନ୍ନ ଦିଗ ଉପରେ ଆଲୋକପାତ ହୋଇଥାଏ । ଏହିସ୍ଥଳେ ସେଗୁଡ଼ିକର ଚର୍ଚ୍ଚା କରିଦେବା ପ୍ରଜୁଯ୍ୟ । ପ୍ରଥମ ଏହିକି ଯେ, ହଜୁର[ସ.ଅ] ଧର୍ମକୁ କିପରି ପ୍ରାଧାନ୍ୟ ଦେଉଥିଲେ । ଏପରିକି ରାତ୍ରି ସମୟରେ ନିଜ ପରିଜନଙ୍କ ଘର ଗସ୍ତ କରି ତାଙ୍କ ଅବସ୍ଥା ପ୍ରତି ଦୃଷ୍ଟି ରଖୁଥିଲେ । ଅନେକ ଲୋକ ଅଛନ୍ତି ଯେ ଅତି ଭଦ୍ର (ବ୍ୟକ୍ତି) ହୋଇଥାନ୍ତି ଏବଂ ଅନ୍ୟକୁ ପୁଣ୍ୟ ଓ ସତ୍‌କର୍ମ କରିବାକୁ ପ୍ରୋତ୍ସାହିତ ମଧ୍ୟ କରିଥାନ୍ତି କିନ୍ତୁ ସେମାନଙ୍କ ଅନ୍ତଃବାସୀଙ୍କ

ଅବସ୍ଥା ଅତି ଦୁର୍ଭାଗ୍ୟଜନକ ରହିଥାଏ । ପ୍ରଶିକ୍ଷଣ ଦେବା ଏକ ଏପରି ମହତ କାର୍ଯ୍ୟ ଓ ପ୍ରକୃଷ୍ଟ ଦକ୍ଷତା ଯଦି ତାହା ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ ସ.ଅଙ୍କ ଠାରେ ବିଦ୍ୟମାନ ନଥାନ୍ତା ତେବେ ଆପଣ ସ.ଅଙ୍କ ଚରିତ୍ରରେ ଏକ ବିରାଟ ଶୂନ୍ୟସ୍ଥାନ ରହି ଯାଇଥାନ୍ତା । **ଯେହେତୁ ଆପଣଙ୍କ ଚରିତ୍ର ସର୍ବାଉର୍ଦ୍ଧ୍ୱେ ପ୍ରତିଷ୍ଠିତ ତେଣୁ ଏହି କାର୍ଯ୍ୟକୁଶଳତା (ବହୁମୂଲ୍ୟ ଗୁଣ) ମଧ୍ୟ ଆପଣଙ୍କ ଠାରେ ଯଥେଷ୍ଟ ରହିଥିଲା ।**

ଦ୍ୱିତୀୟ ପ୍ରସଙ୍ଗ ଏହା ଜ୍ଞାତ ହେଉଛି ଯେ, ଆପଣ ସ.ଅଙ୍କୁ ସେହି ଶିକ୍ଷା ଉପରେ ପୂର୍ଣ୍ଣ ବିଶ୍ୱାସ ଥିଲା ଯାହା ଆପଣ ସଂସାରବାସୀଙ୍କ ନିକଟରେ ଉପସ୍ଥାପନ କରୁଥିଲେ । ଅତଏବ ମଧ୍ୟରାତ୍ରରେ ଆପଣ ଉଠି ନିଜ ଝିଅ ଜ୍ୱାଇଁଙ୍କ ଘରକୁ ଯିବା ଏବଂ ତାଙ୍କୁ ତହଜ୍ଜୁଦ୍ ନମାଜ ପାଠ କରିବାକୁ ଉପଦେଶ ଦେବା, ସେହି ପୂର୍ଣ୍ଣ ବିଶ୍ୱାସକୁ ପ୍ରମାଣିତ କରୁଅଛି ଯାହାକି ଆପଣ ଉକ୍ତ ସିଦ୍ଧାନ୍ତ ଉପରେ ପୋଷଣ କରୁଥିଲେ । ଯାହାର ଅନୁକରଣ କରିବାକୁ ଆପଣ ନିଜ ଅନୁଚରଙ୍କୁ ଉପଦେଶ ଦେଉଥିଲେ । ନଚେତ୍ ଜଣେ ମିଥ୍ୟାଚାରୀ ବ୍ୟକ୍ତି ଯେ ଅବଗତ ଥାଏ କି ଏହି ଶିକ୍ଷାର ଅନୁକରଣ କରିବା ଅଥବା ନକରିବା ଏକା କଥା । ତେବେ ଏପରି ଅସମୟରେ ସେ ନିଜ ସନ୍ତାନ ଘରକୁ ଯାଇ ଉକ୍ତ ଶିକ୍ଷାର ପାଳନ କରିବାକୁ କଦାପି ଉପଦେଶ ଦେଇ ନଥାନ୍ତେ ।

ତୃତୀୟ ପ୍ରସଙ୍ଗ ଯାହା ପ୍ରମାଣିତ କରିବା ସକାଶେ ଏହା ବର୍ଣ୍ଣନା କରାଯାଇଛି ଯେ, ହଜୁରସ.ଅ ପ୍ରତ୍ୟେକ ପ୍ରସଙ୍ଗ ବୁଝାଇବା ନିମନ୍ତେ ସହନଶୀଳ ମାର୍ଗ ଅବଲମ୍ବନ କରୁଥିଲେ ଏବଂ ତିକ୍ତତା ଓ ଜୋରଜବର କରିବା ପରିବର୍ତ୍ତେ ପ୍ରେମ ଓ ଆଦର ସହକାରେ ଜଣକୁ ତାହାର ତ୍ରୁଟୀ ପ୍ରତି ଧ୍ୟାନ ଆକର୍ଷିତ କରୁଥିଲେ । ବସ୍ତୁତଃ ହଜରତ ଅଲୀର.ଅ ବର୍ଣ୍ଣନା କରନ୍ତି; ଉକ୍ତ ଘଟଣା ପରେ ମୁଁ ଆଉ କଦାପି ତହଜ୍ଜୁଦ୍ ନମାଜ ପାଠ କରିବାରେ ଅବହେଳା କରି ନଥିଲି ।

ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ; ଆମମାନଙ୍କୁ ମଧ୍ୟ ତହଜ୍ଜୁଦ୍ ନମାଜ ପାଠ କରିବା ପ୍ରସଙ୍ଗରେ ଏହି ଘଟଣା ସର୍ବଦା ସ୍ମରଣ ରଖିବା ଉଚିତ୍ । **ବିଶେଷ ଭାବରେ ମୁରବୀ, ଉତ୍ସର୍ଗୀ ଓ ପଦାଧିକାରୀମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ।** ରାତିର କାଳିଅନ୍ଧାରରେ କରିଥିବା ଦୁଆ ହିଁ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କର କୃପାକୁ ଅଧିକ ଟାଣି ଆଣିଥାଏ । ଆଜିକାଲି ତ ବିଶ୍ୱକୁ ଧ୍ୱଂସ ମୁହାଣରୁ ରକ୍ଷା କରିବା ସକାଶେ ଏହା ଅତି ଆବଶ୍ୟକ ।

ଏଥିଅନ୍ତେ (ଇତିହାସ ପୃଷ୍ଠାରେ) ବନୁ କିନ୍‌କା ଯୁଦ୍ଧର ବର୍ଣ୍ଣନା ମିଳେ । ଉକ୍ତ ଯୁଦ୍ଧ ଦୁଇ ହିଜ୍‌ରୀରେ ଘଟିଥିଲା । ଇସଲାମର ଆଗମନ ଫଳରେ ଯେତେବେଳେ ଅଓସ୍ ଓ ଖଜରଜ୍ ଗୋଷ୍ଠୀ ନିଜର ପୁରାତନ ଶତ୍ରୁତାକୁ ପାସୋରି ଏକ ହୋଇଗଲେ ସେତେବେଳେ ତାଙ୍କର ଏହି ସ୍ନେହଆଦର ୟହୁଦୀମାନଙ୍କ ଆଖିରେ କଣ୍ଟା ହୋଇଗଲା । ସେମାନେ ବିଭିନ୍ନ ଉପାୟ ପାଞ୍ଚି ପୁନଃ ଉଭୟ ଦଳ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ତାଙ୍କୁ ଉସକାଉ ଥିଲେ । ଏହିପରି ଏକ ଅବସରରେ ଅଓସ୍ ଓ ଖଜରଜ୍ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଏପରି ବଢ଼ିଗଲା ଯେ, ଉଭୟ ଦଳ ପରସ୍ପରର ରକ୍ତପାତ କରିବାକୁ ଅଣ୍ଟା ଭିଡ଼ିନେଲେ । ବଦର୍ ଯୁଦ୍ଧରେ ହଜୁରସ.ଅ ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କରିବା ଫଳରେ ୟହୁଦୀମାନଙ୍କ ଷଡ଼ଯନ୍ତ୍ରର ଫସର ଫାଟିଗଲା । ୟହୁଦୀମାନଙ୍କ ମଧ୍ୟରେ ସର୍ବପ୍ରଥମେ ଯେଉଁ ଦଳ ବିରୁଦ୍ଧାଚରଣ, ବିଶୃଙ୍ଖଳା ଓ ସନ୍ଧି ଭଙ୍ଗ କରିଥିଲା ସେ ବନୁ କିନ୍‌କା ଦଳ ଥିଲା । ବନୁ କିନ୍‌କା ଦଳର ଦୃଷ୍ଟାମୀ ପ୍ରସଙ୍ଗରେ ଗୋଟିଏ ଘଟଣା ଏପରି ଉଲ୍ଲେଖ ରହିଛି ଯେ, ଜଣେ ମୁସଲମାନ ମହିଳା ଏକଦା ବନୁ କିନ୍‌କାର ବଜାରକୁ ଯାଇଥିଲେ ସେଠାରେ କିଛି ଅଭଦ୍ର, ଅସଭ୍ୟ ଲୋକମାନେ ତାଙ୍କ ସହିତ ଦୁର୍ବ୍ୟବହାର କଲେ ଏବଂ ଏପରି ହରକତ କଲେ ଯେ ସେ ନିର୍ବସ୍ତ୍ର ହୋଇଗଲେ । ନିକଟରୁ ଜଣେ ମୁସଲମାନ ଅତିକ୍ରମ କରୁଥିଲେ ଯେତେବେଳେ ସେ ଏହି ଅସାଦଚରଣ ପୂର୍ଣ୍ଣ ଦୃଶ୍ୟ ଦେଖିଲେ । ସେ ଅଣଆୟତ ହୋଇ ଉକ୍ତ ଦୁର୍ଜନ (ୟହୁଦୀ) ବ୍ୟକ୍ତିକୁ ହତ୍ୟା କରିଦେଲେ । ଏତଦ୍ ଦ୍ୱାରା ବାକି ୟହୁଦୀ ଉକ୍ତ ମୁସଲମାନ ଉପରେ ଅତର୍କିତ ଭାବରେ ଆକ୍ରମଣ କରି ତାଙ୍କୁ ଶହିଦ୍ କରିଦେଲେ । ଯେତେବେଳେ ହଜୁର ସ.ଅଙ୍କୁ ଏହି ଖବର ମିଳିଲା ସେତେବେଳେ ଆପଣ ୟହୁଦୀମାନଙ୍କୁ ବହୁତ ବୁଝାସୁଝା କଲେ କିନ୍ତୁ ବୁଝିବା

ପରିବର୍ତ୍ତେ ସେମାନେ ମୁସଲମାନମାନଙ୍କୁ ଧମକାଇବା ଆରମ୍ଭ କଲେ । ବସ୍ତୁତଃ ମୁସଲମାନ ସେନା ଉକ୍ତ କବିଲା ଆଡ଼କୁ ଅଗ୍ରସର ହେଲା, ଫଳତଃ ୟହୁଦୀମାନେ ସେଠାରୁ ପଳାୟନ କରି ଦୁର୍ଗରେ ଆତ୍ମଗୋପନ କଲେ । ହଜୁର[ସ.ଅ] ସେହି ଦୁର୍ଗର ଘେରାଉ କରିନେଲେ ଏବଂ ବନୁ କିନ୍‌କା ଗୋଷ୍ଠୀ ସେଠାରେ ପନ୍ଦର ଦିନ ଆବଦ୍ଧ ରହିଲେ । ଏହି ଅବରୁଦ୍ଧ ଫଳରେ ସେମାନେ ଧୈର୍ଯ୍ୟହରା ହୋଇ ଶେଷରେ ମଦିନା ଛାଡ଼ି ସଦାସର୍ବଦା ପାଇଁ ଅନ୍ୟତ୍ର ପ୍ରବାସ କରି ଯିବାକୁ ନିବେଦନ କଲେ । ହଜୁର[ସ.ଅ] ସେମାନଙ୍କର ପ୍ରସ୍ତାବ ସ୍ୱୀକାର କରି ତାଙ୍କୁ ସୁରକ୍ଷିତ ଭାବରେ ଚାଲିଯିବା ପାଇଁ ଘେରାଉ ପ୍ରତ୍ୟାହାର କରିନେଲେ ।

ବନୁ କିନ୍‌କା ଯୁଦ୍ଧ ପ୍ରସଙ୍ଗରେ ଇତିହାସ ପୃଷ୍ଠାରେ ମତ ପାର୍ଥକ୍ୟ ରହିଛି । ଓାକଦୀ ଓ ଇବ୍‌ନେ ସାଦ୍ ଦୁହେଁ ଏହି ଘଟଣା ସଓ୍ୱାଲ୍ ମାସ ୨ହିଜ୍‌ରୀରେ ଘଟିଥିବା ଦର୍ଶାଇଛନ୍ତି । କିନ୍ତୁ ଇବ୍‌ନେ ଇସହାକ୍ ଓ ଇବ୍‌ନେ ହିଶାମ୍ ଏହି ଘଟଣା ସଓ୍ୱିକ୍ ଯୁଦ୍ଧ ପରେ ଅର୍ଥାତ ୨ହିଜ୍‌ରୀର ଜିଲ୍ ହିଜ୍ଜା ମାସର ପ୍ରାରମ୍ଭରେ ଘଟିଥିବାର ଦର୍ଶାଇଛନ୍ତି । ହଦିସ୍‌ର ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ବନୁ କିନ୍‌କା ଯୁଦ୍ଧ ହଜରତ ଫାତିମା [ର.ଅ]ଙ୍କ (ବିବାହ) ବିଦାୟ ପରେ ଘଟିଥିଲା ।

ଖୁତବାର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଏହି ଆଲୋଚନା ଆସନ୍ତାରେ ମଧ୍ୟ ଜାରି ରହିବ । ବର୍ତ୍ତମାନ ମୁଁ ବିଶ୍ୱର ଉକ୍‌ଟ ପରିସ୍ଥିତି ପାଇଁ ପୁନଃ ଦୁଆ କରିବାର ଆହ୍ୱାନ ଦେଉଛି । ଦେଖ ହମାସ୍ ଓ ଇସ୍ରାଇଲ୍‌ର ଯୁଦ୍ଧ ଫଳରେ ନିରୀହ ଫିଲିସ୍ତିନ୍‌ର ଆବାଳ ବୃଦ୍ଧବନିତାଙ୍କର ପ୍ରାଣହାନୀ ଘଟିଚାଲିଛି । ଯୁଦ୍ଧ ଯେଭଳି ତୀବ୍ର ରୂପ ନେଇ ଚାଲିଛି ଏବଂ ଇସ୍ରାଇଲ୍‌ର ପ୍ରଶାସନ ଓ ଶକ୍ତିଶାଳୀ ରାଷ୍ଟ୍ରମାନେ ଯେପରି ନୀତି ଅବଲମ୍ବନ କରୁଛନ୍ତି । ସେଥିରୁ ତୃତୀୟ ବିଶ୍ୱଯୁଦ୍ଧ ଆମ ସମ୍ମୁଖାଗାମୀ ହେବା ଦୃଶ୍ୟମାନ ହେଉଛି । କେତେକ ଇସଲାମୀୟ ଦେଶର ମୁଖିଆ, ଋଷ, ଚିନ ଓ କେତେକ ପାଶ୍ଚାତ୍ୟ ଅଭିଜ୍ଞ ଲିପିକାର ଏବେ ମୁକ୍ତ କଣ୍ଠରେ କହିବା ଓ ଲେଖିବା ଆରମ୍ଭ କରିଦେଲେଣି ଯେ, ଏହି ଯୁଦ୍ଧର ପରିସର ବ୍ୟାପକ ହେବା ପ୍ରତୀୟମାନ ହେଉଛି । ଯଦି ସଙ୍ଗେସଙ୍ଗେ ଯୁଦ୍ଧରେ ବିରାମ ପକାଇବା ନିମନ୍ତେ ରଣନୀତି ଅବଲମ୍ବନ ନକରାଯାଏ ତେବେ ଏହି ସଂସାର ଧ୍ୱଂସ ହେବା ସୁନିଶ୍ଚିତ । ସବୁକିଛି ଖବରରେ ପ୍ରକାଶିତ ହେଉଛି ଏବଂ ଆପଣମାନଙ୍କୁ ସମସ୍ତ ପ୍ରସଙ୍ଗ ଜ୍ଞାତ । ଏଥିସକାଶେ ଅହେମଦୀମାନଙ୍କୁ ଦୁଆ କରିବା ପ୍ରତି ବିଶେଷ ଧ୍ୟାନ ଯୋଗ କରିବା ଉଚିତ୍ । Relax ହୋଇଯାନ୍ତୁ ନାହିଁ, **ପ୍ରତ୍ୟେକ ନମାଜରେ ସୁନିଶ୍ଚିତ ରୂପେ ଅତି କମ୍‌ରେ ଗୋଟିଏ ସଜଦାଃ ଏଥିସକାଶେ କରିବେ, ସେମାନଙ୍କ ପାଇଁ ଦୁଆ କରିବା ଉଚିତ୍ ।** କୌଣସି ପାଶ୍ଚାତ୍ୟ ଦେଶର ଶାସନ ମୂଖ୍ୟ ଏହି ପ୍ରସଙ୍ଗରେ ନ୍ୟାୟ ପରବେଶ ହେବା ପ୍ରତି ମନ ବଳାଉ ନାହାନ୍ତି । ତେଣୁ ଅହେମଦୀମାନେ ଏହି ତର୍କବିତର୍କରେ ପଡ଼ିବା କି କେଉଁ ଶାସକ ଭଲ ଏବଂ କିଏ ମନ୍ଦ । ଯେପର୍ଯ୍ୟନ୍ତ ଯୁଦ୍ଧରେ ବିରାମ ପକାଇବାରେ କେହି ସତ୍‌ସାହସ କରି ନାହାନ୍ତି ସେପର୍ଯ୍ୟନ୍ତ ସେ ଜଗତକୁ ଧ୍ୱଂସ କରିବାରେ ଦାୟୀ ହେବେ । ସୁତରାଂ ଦୁଆ କରିବା ସହିତ ନିଜ ପରିସର ମଧ୍ୟରେ ଏହି ଖବର ପ୍ରଚାର, ପ୍ରସାର କରିବାକୁ ଚେଷ୍ଟା କରନ୍ତୁ ଯେ, ଅନ୍ୟାୟ ଓ ଅତ୍ୟାଚାର ପ୍ରତିବାଦ କର ଏବଂ ତାହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କର । ଯଦି ଏପରି କୌଣସି (ବିଶିଷ୍ଟ) ବ୍ୟକ୍ତି ସହିତ କୌଣସି ଅହେମଦୀଙ୍କର ସମ୍ପର୍କ ଅଛି ତେବେ ସେ ତାଙ୍କୁ ବୁଝାନ୍ତୁ ।

ଇସ୍ରାଇଲ୍ କହୁଛି ଯେ, ହମାସ୍ ଆମ ନିରୀହ ସହରୀମାନଙ୍କର ହତ୍ୟା କରିଛି ତେଣୁ ଆମେ ତାହାର ପ୍ରତିଶୋଧ ନେବୁ । କିନ୍ତୁ ଏହି ପ୍ରତିଶୋଧ ପରାୟଣତା ଏବେ ସମସ୍ତ ପ୍ରକାର ସୀମା ଲଙ୍ଘନ କରି ସାରିଛି । ଇସ୍ରାଇଲ୍ ଯେଭଳି ନିଜର ଧନଜୀବନ ନଷ୍ଟ ହେବାର ବୟାନ କରୁଛି ତାହା ମୁକାବିଲାରେ ତାହାର ଚାରି/ପାଞ୍ଚ ଗୁଣା ଅଧିକ କ୍ଷୟକ୍ଷତି ଫିଲିସ୍ତିନ୍‌ର ଘଟି ସାରିଲାଣି । ଯଦି ହମାସକୁ ଧ୍ୱଂସ କରିବାର ତାହାର ଲକ୍ଷ ରହିଛି ତେବେ ତାଙ୍କ ସହିତ ମୁହାଁମୁହିଁ ହୋଇ ଯୁଦ୍ଧ କର । ଅବଳା ନାରୀ ଓ ନିରୀହ ପିଲାମାନଙ୍କର କାହିଁ ରକ୍ତ ବୁହାଉଛ । ଏହିପରି ଖାଦ୍ୟ,

ପାନୀୟ ଓ ଚିକିତ୍ସା ଆଦିରୁ କାହିଁ ସେମାନଙ୍କୁ ବଞ୍ଚିତ ରଖୁଛ । ମାନବାଧିକାର ଓ ଯୁଦ୍ଧ ନିୟମାବଳୀର ସମସ୍ତ ଦାବୀ ଏଠାରେ ଆସି ଶେଷ ହୋଇ ଯାଇଥାଏ । ହଁ କେତେକ ଲୋକମାନେ ଏଥିପ୍ରତି ଧ୍ୟାନ ଆକର୍ଷିତ କରିଥାନ୍ତି ଯେପରି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଶ୍ରୀମାନ ବାରାକ୍ ଓବାମା ବିଗତ ଦିନ ବୟାନ ଦେଲେ କି ଯଦି ଯୁଦ୍ଧ କରିବାର ଅଛି ତେବେ ଯୁଦ୍ଧ ନିୟମାବଳୀ ନିଜ ସମ୍ମୁଖରେ ରଖିବା ଉଚିତ୍ । ନିରୀହ ସହରୀମାନଙ୍କ ଉପରେ ଅତ୍ୟାଚାର କରିବା ଉଚିତ୍ ନୁହେଁ । ଜାତିସଂଘର ସେକ୍ରେଟାରୀ ଶ୍ରୀମାନ ଜୟଲ୍ ସାହେବ ମଧ୍ୟ କହିଥିଲେ । ଏଥିରେ ଇସ୍ରାଇଲ୍ ପ୍ରଶାସନ ଚିତ୍କାର କରିବାରୁ ବିଶ୍ୱ ଜାତିସଂଘର ନେତୃବୃନ୍ଦମାନେ ଯେ ନିଜକୁ ବିଶିଷ୍ଟ ଶାନ୍ତି ପ୍ରତିଷ୍ଠାତା ବୋଲି ମଣୁଛନ୍ତି ସେମାନେ ସେକ୍ରେଟାରୀ ଜୟଲ୍ ସାହେବଙ୍କ ସପକ୍ଷରେ କୌଣସି ମତ ପ୍ରକାଶ କଲେ ନାହିଁ । ଓଲଟା ତାଙ୍କ ମନ୍ତବ୍ୟକୁ ନାପସନ୍ଦ (ପ୍ରତ୍ୟାଖ୍ୟାନ) କଲେ । ସେ ଯାହା ହେଉ ଅବସ୍ଥା ଅତି ଶୋଚନୀୟ ହୋଇଚାଲିଛି ।

ପାଶ୍ଚାତ୍ୟ ମିଡ଼ିୟା ଗୋଟିଏ ପାର୍ଶ୍ୱରେ ଖବର ବଢ଼େଇ ଚଢ଼େଇ ପ୍ରସାରଣ କରୁଛି ଏବଂ ଦ୍ୱିତୀୟ ପକ୍ଷର ଖବର ସଂକ୍ଷିପ୍ତ ରୂପେ ଏକ କୋଣରେ ପ୍ରକାଶିତ କରୁଛି । ଉଦାହରଣ ସ୍ୱରୂପ ଜଣେ ମୁକ୍ତ ହୋଇ ଥିବା ମହିଳା କହିଲେ; କଏଦୀ ଥିବା ଅବଧିରେ ଶତ୍ରୁ ପକ୍ଷ ମୋ ସହିତ ଉତ୍ତମ ଆଚରଣ ପ୍ରଦର୍ଶିତ କରିଛନ୍ତି । ଏହି ଖବରକୁ (ପାଶ୍ଚାତ୍ୟ ମିଡ଼ିୟା) ଗୋଟିଏ କୋଣରେ ପ୍ରକାଶିତ କରିଥିଲା । କିନ୍ତୁ "ହମାସ୍‌ରେ କଏଦୀ ହେବା ଏକ ନର୍କ" ଖବରକୁ ବାରମ୍ବାର ମୁଖ୍ୟ ଖବର ରୂପେ ପ୍ରକାଶିତ କରା ଯାଉଛି । ନ୍ୟାୟ ତ ଏହିକି ଯେ, ସମସ୍ତ ଅବସ୍ଥା ସର୍ବସମ୍ମୁଖରେ ରଖି ଲୋକମାନଙ୍କୁ ନିଷ୍ପତ୍ତି କରିବାକୁ ଅବସର ଦେବା ଉଚିତ୍ । ତେବେ ଏପରି ସଙ୍କଟାପର୍ଣ୍ଣ ଅବସ୍ଥା ଆମମାନଙ୍କୁ ବହୁତ ଦୁଆ କରିବା ଉଚିତ୍ ।

ନିଜ ପରିସର ମଧ୍ୟରେ ଦୁଆ କରିବା ସହିତ ଏହି ପ୍ରୟାସ ମଧ୍ୟ କରିବା ଉଚିତ୍ । ଅତ୍ୟାଚାରିତ ମୁସଲମାନମାନଙ୍କ ପାଇଁ ଦୁଆ କରିବା ଏବଂ ମୁସଲମାନ ଦେଶମାନେ ଏକ ସୁସଙ୍ଗଠିତ ଓ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ମଧ୍ୟ ଦୁଆ କରିବା ଉଚିତ୍ । **ମୁସଲମାନମାନଙ୍କର ଦୁଃଖକଷ୍ଟ ଦୂର ହେବା ନିମନ୍ତେ ଆମମାନଙ୍କ ଅନ୍ତରରେ ଏକ ବିଶେଷ ଉନ୍ମାଦ ଉଙ୍କି ମାରିବା ଉଚିତ୍ ।** ଆମେ ତ ସେହି ମସିହଙ୍କର ଅନୁଚର ଯାହାଙ୍କ ଠାରୁ ଦୁଃଖ ଯାତନା ଭୋଗିବା ସତ୍ତ୍ୱେ ହଜରତ ମସିହ ମଉଦ[ଅ.ସ] ନିଜ ପାର୍ସି କବିତାରେ ନିଜ ଆକୁଳ ଭାବବେଗକୁ ପ୍ରକାଶ କରିଛନ୍ତି କି ହେ ମୋର ହୃଦୟ ! ତୁ ସେମାନଙ୍କ ପ୍ରତି ଉଦାରଶୀଳ ହୋଇଯା, କାରଣ ସେମାନେ ମୋ ପ୍ରିୟ ମୁନିବ (ହଜରତ ମୁହମ୍ମଦ [ସ.ଅ]ଙ୍କ) ସହିତ ପ୍ରେମାନୁରାଗ ରଖୁଥିବାର ଦାବୀ କରୁଛନ୍ତି । ସୁତରାଂ ହଜୁର [ସ.ଅ]ଙ୍କୁ ପ୍ରେମ କରିବା ଆବଶ୍ୟକ କରୁଅଛି ଯେ, ପ୍ରତ୍ୟେକ ମୁସଲମାନ ପାଇଁ ଆମେ ବିଶେଷ ଦୁଆ କରିବା । ଅଲ୍ଲାଃତାଲା ଆମମାନଙ୍କୁ ଏଥିନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

★ ★ ★ ★ ★ ★

Khulasa Khutba Juma Huzoor Anwar a.b.a
27th October 2023